# Telephonic conversation between External Affairs Minister Dr. S. Jaishankar and Foreign Minister of UAE HH Sheikh Abdullah bin Zayed Al Nahyan

January 18, 2022

## ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଏବଂ ୟୁଏଇର ବୈଦେଶିକ ମନ୍ତ୍ରୀ ମହାମହିମ ଶେଖ ଅବଦୁଲ୍ଲା ବିନ୍ ଜାଏଦ ଅଲ୍ ନାହ୍ୟନଙ୍କ ମଧ୍ୟରେ ଟେଲିଫୋନ ଯୋଗେ ବାର୍ତ୍ତାଳାପ

**ଜାନୁଆରୀ 18, 2022**

ୟୁଏଇର ବୈଦେଶିକ ମନ୍ତ୍ରୀ ମହାମହିମ ଶେଖ ଅବଦୁଲ୍ଲା ବିନ୍ ଜାଏଦ ଅଲ୍ ନାହ୍ୟନଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜି ଟେଲିଫୋନ ଯୋଗେ ବାର୍ତ୍ତାଳାପ ହୋଇଛନ୍ତି। ଗତକାଲି ୟୁଏଇରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଦୁଇ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଥିବା ନେଇ ସେମାନେ ଆଲୋଚନା କରିଥିଲେ।

ୟୁଏଇର ବୈଦେଶିକ ମନ୍ତ୍ରୀ ଏହି ଆକ୍ରମଣ ବିଷୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ବିବରଣୀ ପ୍ରଦାନ କରିଥିଲେ। ଦୁଇ ଭାରତୀୟଙ୍କ ମୃତ୍ୟୁକୁ ନେଇ ସେ ୟୁଏଇ ସରକାରଙ୍କ ଗଭୀର ସମବେଦନା ଜଣାଇଥିଲେ। ୟୁଏଇ ସରକାର ମୃତକଙ୍କ ପରିବାରକୁ ପୂର୍ଣ୍ଣ ସହାୟତା ଯୋଗାଇଦେବେ ବୋଲି ସେ ଆଶ୍ୱାସନା ଦେଇଥିଲେ। ଏନେଇ ୟୁଏଇ କର୍ତ୍ତୃପକ୍ଷ ଭାରତୀୟ ଦୂତାବାସ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏହି ଆତଙ୍କବାଦୀ ଆକ୍ରମଣକୁ ଦୃଢ ନିନ୍ଦା କରିଥିଲେ। ଆଜିକା ଦିନରେ ଓ ଯୁଗରେ ନିରୀହ ନାଗରିକଙ୍କ ଉପରେ ଏପରି ଆକ୍ରମଣ କଦାପି ଗ୍ରହଣୀୟ ନୁହେଁ ଏବଂ ସମସ୍ତ ସଭ୍ୟ ସମାଜର ନୀତି ନିୟମ ବିରୁଦ୍ଧରେ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଦୁଃଖଦ ପରିସ୍ଥିତିର ମୁକାବିଲା ପାଇଁ ୟୁଏଇ କର୍ତ୍ତୃପକ୍ଷ ଭାରତୀୟ ଦୂତାବାସକୁ ପ୍ରଦାନ କରିଥିବା ତୁରନ୍ତ ସହାୟତାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ପ୍ରଶଂସା କରିଥିଲେ।

ଏଭଳି ଆକ୍ରମଣର ସମ୍ମୁଖୀନ ହେବାପରେ ୟୁଏଇ ସହିତ ଭାରତର ଦୃଢ ଏକତାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜଣାଇଥିଲେ। ଆତଙ୍କବାଦ ବିରୋଧରେ ଏହାର ସୈଦ୍ଧାନ୍ତିକ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଭାରତ ୟୁଏଇ ସହିତ ଏହି ପ୍ରସଙ୍ଗରେ ଆନ୍ତର୍ଜାତୀୟ ମଞ୍ଚରେ ଛିଡା ହେବ। ମୃତକଙ୍କ ମୃତଦେହ ଭାରତକୁ ଆଣିବା ସମ୍ପର୍କରେ ଆବୁଧାବିରେ ଥିବା ଭାରତୀୟ ଦୂତାବାସ ସହିତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଯୋଗାଯୋଗ କରୁଛି। ଦୂତାବାସ ମୃତକଙ୍କ ପରିବାର ସହ ସମନ୍ୱୟ ରକ୍ଷା କରୁଛି। ଆହତ ଭାରତୀୟଙ୍କ ପାଇଁ ସମସ୍ତ ଆବଶ୍ୟକୀୟ ସହାୟତା ମଧ୍ୟ ପ୍ରଦାନ କରାଯାଇଛି।

**ନୂଆଦିଲ୍ଲୀ**
**ଜାନୁଆରୀ 18, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.